# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 66, CUTTACK, WEDNESDAY, JANUARY 25, 2006/ MAGHA 5, 1927**

## HOUSING & URBAN DEVELOPMENT DEPARTMENT

NOTIFICATION

The 24th January 2006

**S.R.O. No. 11/**2006— In pursuance of sub-section (1) and clause (h) of sub-section (2) of Section 54 of the Orissa Municipal Act, 1950 (Orissa Act 23, 1950) the State Government do hereby publish the resolution passed by two third of the total number of councillors of Kamakhyanagar Notified Area Council at a meeting of the said Notified Area Council specially convened by the Collector and District Magistrate, Dhenkanal but presided over by the Sub-Collector, Kamakhyanagar being authorised by the District Magistrate, Dhenkanal under clause (d) of sub-section (2) of Section 54 of the said act held at 11-00 A.M. on 10th January, 2006 in the Conference hall of Notified Area Council, Kamakhyanagar recording want of confidence in the Chariperson, Shri Gobinda Chandra Sahoo of aforesaid Notified Area Council along with records of proceedings at such meeting.

Shri Gobinda Chandra Sahoo holding the office of Chairperson shall be deemed to have vacated such office with effect from the date of passing of the resolution i.e. 10th January 2006.

**ବିଜ୍ଞାପିତ ଅଂଚଳ ପରିଷଦ, କାମାକ୍ଷାନଗର**

**ସ୍ୱତନ୍ତ୍ର ଅଧିବେଶନ**

ତା 10-1-2006 ରିଖ

ସମୟ– ପୂର୍ବାହ୍ନ ଘ 11ଣ୍ଟା

ସ୍ଥାନ :- ପରିଷଦ ସଭାଗୃହ

| ତା 10-1-2006 ରିଖ ଉପସ୍ଥାନ | ସଭ୍ୟ/ସଭ୍ୟା | ୱାର୍ଡ ନଂ. | ସ୍ୱାକ୍ଷର |
|---|---|---|---|
| (1) | (2) | (3) | (4) |
| 1. ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ଅଧ୍ୟକ୍ଷ | ସଭ୍ୟ | 6 | ସ୍ୱାକ୍ଷରିତ |
| 2. ଶ୍ରୀମତୀ ମଂଜୁଲତା ରାଉତ, ଉପାଧ୍ୟକ୍ଷା | ସଭ୍ୟା | 4 | ଅନୁପସ୍ଥିତ |
| 3. ଶ୍ରୀ ବ୍ରହ୍ମାନନ୍ଦ ସାହୁ | ସଭ୍ୟ | 1 | ଅନୁପସ୍ଥିତ |

| (1) | (2) | (3) | (4) |
|---|---|---|---|
| 4. ଶ୍ରୀମତୀ ବର୍ଷାରାଣୀ ନାୟକ | ସଭ୍ୟା | 2 | ସ୍ୱାକ୍ଷରିତ |
| 5. ଶ୍ରୀମତୀ ସୁମିତ୍ରା ନାୟକ | ସଭ୍ୟା | 3 | ସ୍ୱାକ୍ଷରିତ |
| 6. ଶ୍ରୀ ଦେବେଶ ଚନ୍ଦ୍ର ନାୟକ | ସଭ୍ୟ | 5 | ସ୍ୱାକ୍ଷରିତ |
| 7. ଶ୍ରୀମତୀ ବାସନ୍ତୀ ସେଠୀ | ସଭ୍ୟା | 7 | ସ୍ୱାକ୍ଷରିତ |
| 8. ଶ୍ରୀ ବାଳକୃଷ୍ଣ ନାୟକ | ସଭ୍ୟ | 8 | ସ୍ୱାକ୍ଷରିତ |
| 9. ଶ୍ରୀ ଯଶୋବନ୍ତ ପରିଡା | ସଭ୍ୟ | 10 | ସ୍ୱାକ୍ଷରିତ |
| 10. ଶ୍ରୀ ସାନଂଦ ଦେହୁରୀ | ସଭ୍ୟ | 9 | ସ୍ୱାକ୍ଷରିତ |
| 11. ଶ୍ରୀ ଅଗସ୍ତି ଖୁଣ୍ଟିଆ | ସଭ୍ୟ | 11 | ସ୍ୱାକ୍ଷରିତ |
| 12. ଶ୍ରୀ ସଂଜୀବ ସାହୁ | ସଭ୍ୟ | 12 | ସ୍ୱାକ୍ଷରିତ |

ଅଦ୍ୟ ତା10-1-2006 ରିଖ ପୂର୍ବାହ୍ନ ଘ11-00 ଣ୍ଟା ସମୟରେ କାମାକ୍ଷାନଗର ବିଜ୍ଞାପିତ ଅଂଚଳ ପରିଷଦର କାଉନ୍ସିଲ୍ ହଲ୍‌ରେ ସ୍ୱତନ୍ତ୍ର ଅଧିବେଶନ ଆହୁତ ହେଲା । ଜିଲ୍ଲାପାଳ, ଢେଙ୍କାନାଳଙ୍କ ଆଦେଶ ନଂ. 2730/GM. ତା 31-12-2005 ରିଖ ଅନୁଯାୟୀ ଶ୍ରୀ ସରୋଜ କାନ୍ତ ଚୌଧୁରୀ, ଉପଜିଲ୍ଲାପାଳ, କାମାକ୍ଷାନଗର ଏହି ସ୍ୱତନ୍ତ୍ର ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ଏବଂ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସଂବଧରେ ଆଲୋଚନା କରିଥିଲେ । ଏଥିରେ ଉପରେ ଦସ୍ତଖତ କରିଥିବା କାଉନ୍ସିଲରମାନେ (10 ଜଣ) ଉପସ୍ଥିତ ଥିଲେ ।

ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ପୂର୍ବରୁ ଆସି ନଥିବା 2 ଜଣ କାଉନ୍ସିଲର ଯଥା ମଂଜୁଲତା ରାଉତ, କାଉନ୍ସିଲର, ୱାର୍ଡ ନଂ. 4 ଏବଂ ବ୍ରହ୍ମାନନ୍ଦ ସାହୁ, କାଉନ୍ସିଲର, ୱାର୍ଡ ନଂ. 1 ଙ୍କ ଦରଖାସ୍ତ ଶ୍ରୀ ବାଳକୃଷ୍ଣ ନାୟକ, କାଉନ୍ସିଲର, ୱାର୍ଡ ନଂ. 8 ଙ୍କ ଜରିଆରେ ଆସିଥିଲା । ସେମାନଙ୍କ ଦରଖାସ୍ତର ବିଷୟ ବସ୍ତୁ ହେଲା " ଅଦ୍ୟ ତା 10-1-2006 ରିଖ ରେ ଆପଣଙ୍କ କାର୍ଯ୍ୟାଳୟ ନୋଟିସର ପତ୍ର ସଂଖ୍ୟା 2733 (12), ତା 31-12-2005 ରିଖ ମତେ ସ୍ଥିରୀକୃତ ନଗରପାଳଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବର ଦିବସ, ସମୟ ଓ ସ୍ଥାନ 10 ଦିନ ମଧ୍ୟରେ ଓଡ଼ିଶା ମ୍ୟୁନିସିପାଲ ଆଇନର ଧାରା 54 (2) (ଗ) ମତେ ହୋଇ ନ ଥିବାରୁ ଉକ୍ତ ବୈଠକରେ ଆମ୍ଭେ ତା'ର ପ୍ରତିବାଦରେ ଯୋଗ ଦାନ କରୁନାହୁଁ " ।

ମ୍ୟୁନିସିପାଲ ଆଇନର ଧାରା 54(2) (ଗ) କୁ ଅନୁଶୀଳନ କରି ଜଣାଗଲା ଯେ ସଂପୃକ୍ତ ନୋଟିସ ଠିକ୍ ଭାବେ କରାଯାଇଅଛି । ତେଣୁ ସଭାପତି ଏହି ଅଭିଯୋଗକୁ ଅଗ୍ରାହ୍ୟ କଲେ ।

ସେହିପରି ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, କାଉନ୍ସିଲର, ୱାର୍ଡ ନଂ. 6 ଏବଂ ଶ୍ରୀ ବାଳକୃଷ୍ଣ ନାୟକ, କାଉନ୍ସିଲର, ୱାର୍ଡ ନଂ.8 ବୈଠକରେ ଉପସ୍ଥିତ ହୋଇ ତାଙ୍କର ଅଭିଯୋଗ ଲିଖିତ ଆକାରରେ ଦେଇଥିଲେ ଯାହା ଏହି ବିବରଣୀ ସହିତ ସଂଲଗ୍ନ ହୋଇଅଛି । ଏହି ଦୁଇଟି ଅଭିଯୋଗ ପତ୍ର ସମାନ ଦୁଇଟି ଅଭିଯୋଗ ସଂବଳିତ । ତନ୍ମଧ୍ୟରୁ ଗୋଟିଏ ଅଭିଯୋଗ ହେଲା ସ୍ୱତନ୍ତ୍ର ବୈଠକ ଡକାଯିବାର ତାରିଖ ଏବଂ ସମୟ ବିଷୟରେ ଯାହା ସଂବଧରେ ଉପରୋକ୍ତ ମତେ ଆଲୋଚନା କରାଯାଇ ବିନିର୍ଣ୍ଣୟ (Ruling) ଦିଆଯାଇଅଛି । ଅନ୍ୟ ଅଭିଯୋଗଟି ହେଲା " କାମାକ୍ଷାନଗର ବିଜ୍ଞାପିତ ଅଂଚଳ ପରିଷଦର 9 ନମ୍ବର ୱାର୍ଡର ନିର୍ବାଚିତ

କାଉନ୍‌ସିଲର ଶ୍ରୀ ସାନଂଦ ଦେହୁରୀଙ୍କର ଇସ୍ତଫା ପତ୍ର ତା 31-12-2005 ରିଖ କାଉନ୍‌ସିଲ୍ ବୈଠକରେ ସର୍ବ ସମ୍ମତି କ୍ରମେ ଗୃହିତ ହୋଇଥିବାରୁ ସେହି ଦିନଠାରୁ ତାଙ୍କର ସଭ୍ୟପଦ ରଦ୍ଦ କରାଯାଇଅଛି" । ଏହି ଅଭିଯୋଗ ଉପରେ ସଂପୃକ୍ତ ଧାରା 43 ମ୍ୟୁନିସିପାଲ ଆଇନକୁ ତର୍ଜମାକରି ଦେଖାଗଲା ଯେ ସଂପୃକ୍ତ କାଉନ୍‌ସିଲରଙ୍କ ଇସ୍ତଫାପତ୍ର ଆଇନ୍ ଅନୁଯାୟୀ ବିଚାର କରାଯାଇ ଗୃହିତ କରାଯାଇନାହିଁ । ଅଧିକନ୍ତୁ ଜିଲ୍ଲାପାଳ, ଢେଙ୍କାନାଳ ସଂପୃକ୍ତ ବିଷୟରେ ନିମ୍ନଲିଖିତ ମତେ ଆଦେଶ ଦେଇଅଛନ୍ତି । " The Councillor, Ward No. 9 has not been personally present and the genuinity is not confirmed. The resignation to be considered as per rule in next regular Council meeting with quorum".

ତେଣୁ ଶ୍ରୀ ସାନଂଦ ଦେହୁରୀ, କାଉନ୍‌ସିଲର, ୱାର୍ଡ ନଂ. 9 ଏଯାବତ କାଉନ୍‌ସିଲର ହିସାବରେ ପରିଗଣିତ ହେଲେ ଏବଂ ତାଙ୍କୁ ଏହି ବୈଠକରେ ଯୋଗ ଦେବାକୁ ଅନୁମତି ଦିଆଗଲା ।

ଏହାପରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଗଲା ଏବଂ ଜିଲ୍ଲାପାଳ, ଢେଙ୍କାନାଳଙ୍କ ଆଦେଶ ଅନୁଯାୟୀ ଉପରୋକ୍ତ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ଦାନ କରିବାକୁ ସଂପୃକ୍ତ କାଉନ୍‌ସିଲରମାନଙ୍କୁ ଅନୁରୋଧ କରାଗଲା । ଏହି ବିଷୟରେ ପ୍ରସ୍ତୁତ ଭୋଟ କାଗଜ ଦେଖାଇ ଦିଆଗଲା ଏବଂ ସଂପୃକ୍ତ ନିୟମ ବିଷୟରେ ପ୍ରାଂଜଳ ଭାବରେ ବୁଝାଇ ଦିଆଗଲା । ଉପରେ ଲିଖିତ ଅଭିଯୋଗର ବିନିର୍ଣ୍ଣୟ (Ruling) ଉପରେ ଅସନ୍ତୋଷ ପ୍ରକାଶ କରି ଉପସ୍ଥିତ ଥିବା 2 ଜଣ କାଉନ୍‌ସିଲର ଯଥା—

1. ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ଅଧ୍ୟକ୍ଷ ଏବଂ

2. ଶ୍ରୀ ବାଳକୃଷ୍ଣ ନାୟକ, ଭୋଟ ଦାନରୁ ବିରତ ହେଲେ । ଅନ୍ୟ ଉପସ୍ଥିତ ଥିବା 8 (ଆଠ) ଜଣ କାଉନସିଲର ବିଧିମତେ ଭୋଟ ପ୍ରଦାନ କଲେ । ଭୋଟ ଗଣତିରୁ ଜଣା ପଡିଲା 8 (ଆଠ) ଜଣ କାଉନ୍‌ସିଲର ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ । ପ୍ରସ୍ତାବ ବିପକ୍ଷରେ କୌଣସି ଭୋଟ ପଡିନଥିଲା ।

ଏହି ବିଜ୍ଞାପିତ ଅଂଚଳ ପରିଷଦରେ ଯେହେତୁ 12 (ବାର) ଜଣ କାଉନ୍‌ସିଲର ନିର୍ବାଚିତ ହୋଇ ଅଛନ୍ତି ଏବଂ ତନ୍ମଧ୍ୟରୁ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ସପକ୍ଷରେ 8 (ଆଠ) ଜଣ ଭୋଟ ଦେଇ ଅଛନ୍ତି ଏବଂ ତାହା 2/3rd (ଦୁଇ ତୃତୀୟାଂଶ) ହୋଇ ଥିବାରୁ ମ୍ୟୁନିସିପାଲ ଆଇନ୍‌ର ଧାରା 54 (1) ଅନୁଯାୟୀ ଗୃହୀତ ହେଲା ଏବଂ ବିଧି ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ 54 (2) (h) (i) ଅନୁଯାୟୀ ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ପଠାଗଲା ।

ସରୋଜ କାନ୍ତ ଚୌଧୁରୀ

ସଭାପତି

ଉପଜିଲ୍ଲାପାଳ, କାମାକ୍ଷାନଗର

[No. 1636-Spl. ML.03/06/ HUD.]

By order of the Governor

R. B. NAYAK
Director, Municipal Administration &
Ex-officio Addl. Secretary to Government

---

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 1664-193+20